# ନାରାୟଣ ସାହୁ

ଜନ୍ମ: (୧୯୫୫- ) ମସିହା

ଡ. ନାରାୟଣ ସାହୁ ସଂପ୍ରତି ଉତ୍କଳ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗର ପ୍ରଫେସର ଭାବେ ଅବସ୍ଥାପିତ । ଓଡ଼ିଶା ସାହିତ୍ୟ ଏକାଡ଼େମୀ ପ୍ରାପ୍ତ ଏହି ଲେଖକ ଏକାଧାରରେ ଜଣେ ନାଟ୍ୟକାର, ଶିଶୁ ସାହିତ୍ୟିକ, ସଂକଳକ, ଅନୁବାଦକ, ବିଜ୍ଞାନ ଲେଖକ ଏବଂ ସମାଲୋଚକ । ଏତଦ୍‌ବ୍ୟତୀତ ଶ୍ରୀ ସାହୁ ଦୂରଦର୍ଶନ ଏବଂ ରେଡ଼ିଓର ଜଣେ ସ୍ୱୀକୃତପ୍ରାପ୍ତ ନାଟ୍ୟକାର । ଏଥିପାଇଁ ସେ ସର୍ବଭାରତୀୟ ସ୍ତରରେ ପୁରସ୍କୃତ । ଶ୍ରୀ ସାହୁଙ୍କ ପୁସ୍ତକ -

ରଢ଼ିକୋଷ, ଓଡ଼ିଆ ପ୍ରବାଦ ପ୍ରବଚନ ଓ ରୂଢ଼ି, କ୍ରାନ୍ତି +, ବିଶ୍ୱର ପ୍ରେମକଥା, ଆମ ଜନ୍ମକଥା, ନିଆରାନାଟକ

**ରଢ଼ିକୋଷ,** ପୃଷ୍ଠା- ୧୮୬, ପ୍ରକାଶକାଳ- ୨୦୦୨, ଦ୍ୱିତୀୟ ସଂସ୍କରଣ-୨୦୦୯, ମୂଲ୍ୟ- ଟଙ୍କା ୬୦/-

ଓଡ଼ିଆ ଭାଷାରେ ପ୍ରଥମ ଥର ପାଇଁ ଇଂରାଜୀ ଅର୍ଥ ସହ ଉଦାହରଣ ପ୍ରଦତ୍ତ ହୋଇଛି । ଏଥିରେ ତିନି ପ୍ରକାର ରୂଢ଼ିର ଅର୍ଥକୁ ବ୍ୟାବହାରିକ ମାର୍ଗରେ ଦେଖାଇ ଦିଆଯାଇଛି । ଅଣଓଡ଼ିଆ ପାଠକମାନଙ୍କ ପାଇଁ ପୁସ୍ତକଟି ବେଶ୍ ପ୍ରୟୋଜନୀୟ ।

**ଓଡ଼ିଆ ପ୍ରବାଦ ପ୍ରବଚନ ଓ ରୂଢ଼ି,** ପୃଷ୍ଠା-୩୪୬, ପ୍ରକାଶକାଳ-୨୦୧୦, ମୂଲ୍ୟ: ଟ.୩୩୦/-

ଓଡ଼ିଆ ଭାଷାରେ ପ୍ରବାଦ ପ୍ରବଚନ ଓ ରୂଢ଼ି, ତାର ଅର୍ଥ ଇଂରାଜୀ ଭାବାର୍ଥ ଏଥିରେ ପ୍ରଦତ୍ତ ହୋଇଛି । ହଜିଯାଉଥିବା ଅନେକ ପ୍ରବଚନ ଓ ରୂଢ଼ିକୁ ଏହି ପୁସ୍ତକରେ ସ୍ଥାନୀତ କରାଯାଇଛି । ଅଣଓଡ଼ିଆ ପାଠକମାନଙ୍କ ପାଇଁ ଏଇଟି ଏକ ଉପାଦେୟ ପୁସ୍ତକ ।

**କ୍ରାନ୍ତି +,** ପୃଷ୍ଠା-୭୬, ପ୍ରକାଶକାଳ-୨୦୦୭, ମୂଲ୍ୟ: ୮୧.୦୦ ଟଙ୍କା

ଏଥିରେ ଦୁଇଟି ଚର୍ଚ୍ଚିତ ନାଟକ ସ୍ଥାନ ପାଇଛି ଯଥା- କ୍ରାନ୍ତି ଏବଂ ନିଷିଦ୍ଧ ସଂଳାପ । "କ୍ରାନ୍ତି'ରେ ସାଂପ୍ରତିକ ଯୁଗର ନକ୍‌ସଲ ସମସ୍ୟା ବିଷୟ ଚିତ୍ରିତ ହୋଇଥିବାବେଳେ "ନିଷିଦ୍ଧ ସଂଳାପ' ରେ ମଞ୍ଚର ଗୁମର କଥା ଫିଟିଯାଇଛି । ମଞ୍ଚ ଆଢୁଆଳରେ ଥିବା ଅନେକ ଘଟଣା ଦୁର୍ଘଟଣା ଏଥିରେ ରୂପ ନେଇଛି ।

**ବିଶ୍ୱର ପ୍ରେମକଥା,** ପୃଷ୍ଠା-୧୧୮, ପ୍ରକାଶକାଳ-୨୦୦୨, ମୂଲ୍ୟ: ୪୦.୦୦ ଟଙ୍କା

ବିଶ୍ୱର ବହୁ ଚର୍ଚ୍ଚିତ ପ୍ରେମକାହାଣୀ ଏଥିରେ ସ୍ଥାନୀତ ହୋଇଛି । ପୃଥିବୀର ରାଜପରିବାର ମଧ୍ୟରେ ଘଟିଥିବା ପ୍ରେମକାହାଣୀ, ବିଖ୍ୟାତ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଶାସକ, ନେତା, ଚଳଚିତ୍ର ତାରକା ଏବଂ ଐତିହାସିକ ବୀରପୁରୁଷମାନଙ୍କ ପ୍ରେମ କାହାଣୀ ମାର୍ମିକ ଭାଷାରେ ରୂପ ନେଇଛି । ପୁସ୍ତକଟିର ଭାଷା ଏବଂ ଭାବ ପ୍ରଶଂସାଯୋଗ୍ୟ ।

**ଆମ ଜନ୍ମକଥା,** ପ୍ରକାଶକାଳ-୨୦୧୦, ମୂଲ୍ୟ: ୬୦ ଟଙ୍କା

ଏଇଟି ଲୋକପ୍ରିୟ ବିଜ୍ଞାନ ପୁସ୍ତକ । ଆମ ଚାରିପଟେ ଏମିତି ଅନେକ ଜିନିଷ ରହିଛି, ଯାହା ବିଷୟରେ ଆମର ସମ୍ୟକ୍ ଜ୍ଞାନ ନାହିଁ । ଯେମିତିକି ରେଡ଼ିଓ, ଟେଲିଭିଜନ୍, କଂପୁଟର, ପ୍ରେସ, ମୁଦ୍ରା, ଇଂଜିନ୍, ଛତା, ଇଟା ଇତ୍ୟାଦି । ଏ ସମସ୍ତଙ୍କର ଜନ୍ମ ଇତିହାସ ଏବଂ ବିକାଶ କଥା ଏଇ ପୁସ୍ତକରୁ ମିଳିପାରିବ ।

**ନିଆରା ନାଟକ,** ପୃଷ୍ଠା-... ପ୍ରକାଶକାଳ-୨୦୧୧, ମୂଲ୍ୟ: ....... ଟଙ୍କା

ଓଡ଼ିଆ ଭାଷାରେ ଶ୍ରୁତିନାଟକ ପ୍ରାୟ ନାହିଁ କହିଲେ ଚଳେ । ସେଥିପାଇଁ ବିଶେଷ ବ୍ୟାଖ୍ୟାନ ସହିତ କେତୋଟି ବହୁ ଚର୍ଚ୍ଚିତ ଶ୍ରୁତି ନାଟକ ଏହି ସଂକଳନରେ ସ୍ଥାନ ପାଇଛି । ସର୍ବଭାରତୀୟ ସ୍ତରରେ ପୁରସ୍କୃତ ରେଡ଼ିଓ ନାଟକ "ଆଉ ଏକ ବାଲ୍ମିକୀ' ଏହାର ମୁଖ୍ୟ ଆକର୍ଷଣ ।